## ସଂକ୍ଷେପରେ

### ଘରକୁ ଫେରିବେ ୫୦ ହଜାର ହଷ୍ଟେଲ ପିଲା

**ଜୟପୁର,୨୪।୩(ଡି.ଏନ୍.ଏ.):** କରୋନା ପାଇଁ ମଙ୍ଗଳ ବିଭାଗ ଅଧୀନସ୍ଥ ୫୬୦ଟି ହଷ୍ଟେଲରୁ ପ୍ରାୟ ୫୦ ହଜାର ଛାତ୍ରୀଛାତ୍ର ଘରକୁ ଫେରିବେ। ମଙ୍ଗଳବାର ଓ ବୁଧବାର ସୁଦ୍ଧା ସେମାନଙ୍କୁ ଅଭିଭାବକଙ୍କ ହସ୍ତାନ୍ତର କରାଯିବ। ଜିଲାରେ ମଙ୍ଗଳ ବିଭାଗର ବିଦ୍ୟାଳୟ ଓ ମହାବିଦ୍ୟାଳୟର ୧୬୧ ଏବଂ ଗଣଶିକ୍ଷା ବିଭାଗର ସମୁଦାୟ ୫୬ଟି ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଛାତ୍ରୀଙ୍କ ପାଇଁ ଅଗ୍ରିମ ୩ ମାସର ୨୪୦୦ ଟଙ୍କା ଓ ଛାତ୍ରଙ୍କୁ ୨୨୫୦ ଟଙ୍କା ସେମାନଙ୍କ ମାତାପିତାଙ୍କ ଆଧାରକାର୍ଡ ଯାଞ୍ଚ ପରେ ଦିଆଯାଇଛି। ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଥିବା ଅନ୍ୱେଷା ହଷ୍ଟେଲର ୪୧୪ ଜଣ ଛାତ୍ରୀଛାତ୍ର ଅଭିଭାବକଙ୍କୁ ହସ୍ତାନ୍ତର ହୋଇଛନ୍ତି।

### ସିଲିଣ୍ଡର ପାଇପ ଫାଟି ଅଗ୍ନିକାଣ୍ଡ

**ଗୁଣପୁର,୨୪।୩(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ଜଲତାର ଗ୍ରାମର ଭି.ସୁନିତାଙ୍କ ଘରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ଯାଇଛି। ରୋଷେଇ ଘର ସିଲିଣ୍ଡର ପାଇପ ଫାଟି ଏହି ଅଗ୍ନିକାଣ୍ଡ ହୋଇଥିଲା। ଖବରପାଇ ଅଗ୍ନିଶମ ବାହିନି ପହଁଞ୍ଚିବା ପୂର୍ବରୁ ଲୋକମାନେ ନିଆଁକୁ ଆୟତ୍ତ କରି ଦେଇଥିଲେ। ଏଥିରେ ଆସବାବ ପତ୍ର ସହ ଟଙ୍କା, ଚାଉଳ, କାଗଜପତ୍ର ଆଦି ପୋଡି ପାଉଁଶ ହୋଇଯାଇଛି।

### କରୋନା ସଚେତନତା ପଦଯାତ୍ରା

**ରାୟଗଡ଼ା ଅଫିସ, ୨୪।୩:** ବିଶ୍ୱ କଲ୍ୟାଣ ସାଧନା ସମିତି କେନ୍ଦ୍ର ପକ୍ଷରୁ ଯୋଗୀ ଶ୍ରୀ ଚୈତନ୍ୟ ରାମଙ୍କ ନେତୃତ୍ୱରେ ସାଧନାରେ ବିଶ୍ୱ ହିନ୍ଦୁ ପରିଷଦ ଆନୁକୂଲ୍ୟରେ କରୋନା ଭାଇରସ ନେଇ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାର ପିତାମହଲ , ତାଡ଼ମା, ଦିସାରିଗୁଡ଼ା , କନ୍ଧ ଖିଲମିଶୁ, ସିଙ୍ଗପୁଟ, ତାଡ଼ମା , ନାଥମା ସହ ରାୟଗଡ଼ା ନଗର ଅଞ୍ଚଳସ୍ଥିତ ଆମ୍ବାଗୁଡ଼ା, ଜେସକୋ କଲୋନୀ , କୋଇଲାପଡ଼ା ଆଦି ଅଞ୍ଚଳରେ ସଚେତନତା ପତ୍ର ବଣ୍ଟନ କରାଯାଇଥିଲା। କୋରନା ଭାଇରସ ନେଇ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ଜିଲା ସଭାପତି ରାଜେନ୍ଦ୍ର ସାହୁ , ଦିସାରିଗୁଡ଼ା ଭକ୍ତ ମଣ୍ଡଳୀରୁ ଗୋପାଳ ଯୋଗ ଦେଇଥିଲେ।

### ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ସହାୟତା

**ନବରଙ୍ଗପୁର/ପାପଡାହାଣ୍ଡି, ୨୪।୩ (ବି.ପ୍ର/ଡି.ଏନ.ଏ):** କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ନବରଙ୍ଗପୁର ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି ନିଜ ୩ ମାସର ବେତନ ପ୍ରଦାନ କରିଛନ୍ତି। ମୋଟ ୧୬, ୮୯୦ ଟଙ୍କାର ଏକ ଚେକ ପ୍ରଦାନ କରିଛନ୍ତି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କୋରୁକୋଣ୍ଡା, ୨୪।୩ (ଡି.ଏନ.ଏ):** ମାଲକାନଗିରି ଜିଲା ଓର୍କେଲ ଥାନା ଅନ୍ତର୍ଗତ ବାଲିମେଲା ନଗରସ୍ଥିତ ଓସିସି କଲୋନୀର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କ ନାମ ତିରୁପତି ସୁନା(୨୮)। ସେ ବସଷ୍ଟାଣ୍ଡ ନିକଟରେ ରହୁଥିବା ସୁରେନ୍ଦ୍ର ସୁନାଙ୍କ ପୁଅ ବୋଲି ଜଣାପଡିଛି। ପରିବାର ଲୋକଙ୍କ କହିବାନୁଯାୟୀ ସୋମବାର ସନ୍ଧ୍ୟାରେ ଗୋଦାମ ଘରେ କିଛି କାମ ଅଛି କହି ତିରୁପତି ଘରୁ ବାହାରି ଯାଇଥିଲା। ତେବେ ବହୁ ସମୟ ଧରି ସେ ଘରକୁ ନ ଫେରିବାରୁ ଏବଂ ଫୋନ କଲେ ରିସିଭ ନ କରିବାରୁ ଘର ଲୋକେ ବ୍ୟସ୍ତହୋଇ ଗୋଦାମ ପାଖକୁ ଅନ୍ୟ ଦୁଇ ପୁଅଙ୍କୁ ପଠାଇଥିଲେ। ସେଠାକୁ ଯାଇ ଦୁଇଭାଇ ଗୋଦାମ ଘର କବାଟ ଭିତର ପଟୁ ବନ୍ଦ ରହିଥିବା ଦେଖିବାକୁ ପାଇଥିଲେ। କବାଟ ଭାଙ୍ଗିବାରୁ ତିରୁପତି ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ତିରୁପତିଙ୍କୁ ଦୁଇଭାଇ ସ୍ଥାନୀୟ ମେଡିକାଲକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଓର୍କେଲ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମାଲକାନଗିରି ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ ମାମଲା ରୁଜୁକରି ତଦନ୍ତ ଚଳାଇଛି ବୋଲି ଥାନାଧିକାରୀ ଜଗଦିଶ ବାରା କହିଛନ୍ତି।

# କରୋନା ସଚେତନତା ଗୀତ ଗାଇ ଚର୍ଚ୍ଚାରେ ଦୁଇଭାଇ

**ଜୟପୁର,୨୪।୩(ନି.ପ୍ର.)**

‘ମଦ ପିଇବି ନାଇଁ, ନାଇଁ ନାଇଁ ପିଇବି ନାଇଁ।’ ନବେ ଦଶକରେ ଦୂରଦର୍ଶନରେ ପ୍ରସାରିତ ଏହି ଗୀତଟି ସେତେବେଳେ ବେଶ୍ ଲୋକପ୍ରିୟ ହୋଇଥିଲା। ଏହି ଗୀତର ମୁଖ୍ୟ ଆକର୍ଷଣ ଥିଲେ ଗାୟକ ଦୁଇଭାଇ। ମଦ ନ ପିଇବା ପାଇଁ ଲୋକଙ୍କୁ ସଚେତନ କରିବାକୁ କୋରାପୁଟ ଜିଲା ଦାମନଯୋଡ଼ି ଅଞ୍ଚଳର ଯାଆଁଳା ଭାଇ ଶାନ୍ତି ଓ ଜ୍ୟୋତି ଏହି ଗୀତଟି ଗାଇଥିଲେ। ଏଭଳି ସଚେତନଧର୍ମୀ ଗୀତ ଗାଇ ବେଶ୍ ପରିଚିତ ପାଇଥିଲେ ଦୁଇଭାଇ। ଏବେ ଚାରିଆଡ଼େ କରୋନା ଭାଇରସର ଆତଙ୍କ। ସମସ୍ତେ ଭୟଭୀତ। ଏଭଳି ପରିସ୍ଥିତିରେ ଲୋକଙ୍କୁ ସଚେତନ କରିବା ପାଇଁ ପୁଣିଥରେ ଏକ ଗୀତ ଗାଇଛନ୍ତି ଶାନ୍ତି ଓ ଜ୍ୟୋତି। ସେମାନଙ୍କ ଗୀତକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। କରୋନା ଭୂତାଣୁ ପାଇଁ ଛାନିଆ ନ ହୋଇ ସଚେତନ ହେବାକୁ ସେମାନେ ଗୀତ ମାଧ୍ୟମରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ଗୀତର ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି। ଏହି ଗୀତ ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀବହୁଳ ଅଞ୍ଚଳରେ ଲୋକଙ୍କ ଉପରେ ବହୁ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି।



# ରାୟଗଡ଼ାରେ ଲକ୍‌ଡାଉନ

**ରାୟଗଡ଼ା ଅଫିସ ,୨୪।୩**

କରୋନା ମୁକାବିଲା ପାଇଁ ରାୟଗଡ଼ା ଜିଲାରେ ରାଜ୍ୟ ସରକାର ମଙ୍ଗଳବାର ମଧ୍ୟରାତ୍ରୀରୁ ୨୯ ତାରିଖ ମଧ୍ୟ ରାତ୍ରୀ ପର୍ଯ୍ୟନ୍ତ ଲକ୍ ଡ଼ାଉନ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ଚିଫ ସେକ୍ରେଟେରୀ ମଙ୍ଗଳବାର ଭିଡ଼ିଓ କନଫରେନ୍ସ ମାଧ୍ୟମରେ ପ୍ରତ୍ୟେକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଥିବା ପିଲାମାନେ କିପରି ସୁରକ୍ଷିତ ନିଜ ଘରକୁ ଫେରିବେ ସେନେଇ କୁହାଯାଯାଇଛି। ସେହିପରି ଲକ ଡ଼ାଉନ ସମୟରେ ମଧ୍ୟ ଅତ୍ୟାବଶ୍ୟକ ସେବା ଏବଂ ଦ୍ରବ୍ୟ ମିଳିପାରିବ । ସେଥିଲାଗି ଜଣେ ବ୍ୟକ୍ତି ବିନା ଗାଡ଼ିରେ ସାମଗ୍ରୀ ଆଣିବାକୁ ଯାଇପାରିବେ । ଜିଲାପାଳ ଏନେଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ପ୍ରମୋଦ କୁମାର ବେହେରା ଏବଂ ଏସ୍‌ପି ଶ୍ରବଣ ବିବେକ ଏମ ପ୍ରମୁଖ ସହରର ଜନ ଗହଳି ସ୍ଥାନଗୁଡ଼ିକ ପରିଦର୍ଶନ କରୁଛନ୍ତି । ଲକ ଡ଼ାଉନ କିପରି ସଫଳ ହେବ ସେନେଇ ଜିଲାପାଳ ସଜାଗ ରହିବାକୁ ଜିଲାବାସୀଙ୍କୁ କହିଛନ୍ତି । ଜିଲାରେ ଅତ୍ୟାବଶ୍ୟକ ସାମଗ୍ରୀ ଓସେବା ଉପଲବ୍ଧ ଯେପରି ରହିବ ଏବଂ ଏଟିଏମରେ ଟଙ୍କା ମହଜୁଦ ରଖାଯିବାକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । ଯେ କୌଣସି ବ୍ୟକ୍ତି ବାହାର ରାଜ୍ୟରୁ ଆସିଲେ ସେମାନେ ଘରେ ୧୪ ଦିନ ପର୍ଯ୍ୟନ୍ତ ହୋମ କ୍ୱାରାନଟାଇନରେ ରହିବେ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାରେ ୧୯୯୫ ଜଣ ହୋମ କ୍ୱାରେନଟାଇନରେ ଥିବା ଜଣାଯାଇଛି ।

# ୬୯ ବସ୍ ଚଳାଚଳ ବନ୍ଦ

**ରାୟଗଡ଼ା ଅଫିସ, ୨୪।୩**

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ସାମାଜିକ ଦୂରତା ଅବଲମ୍ବନ କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଜିଲା ମଧ୍ୟରେ ଗଡୁଥିବା ୬୦ ଏବଂ ରାୟଗଡ଼ାରୁ ଆନ୍ଧ୍ରକୁ ଯାଉଥିବା ୯ଟି ବସ୍ ଚଳାଚଳ ବନ୍ଦ ରହିଛି। ଜରୁରୀ କାମରେ ଆସିଥିବା ଯାତ୍ରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସରକାରଙ୍କ ଘରେ ରହିବା ନିଷ୍ପତ୍ତିକୁ ସମର୍ଥନ କରୁଛୁ। ହେଲେ ଜରୁରୀ କାମରେ ବାହାରକୁ ଯିବାକୁ ହେଲେ ବ୍ୟାପକ ଅସୁବିଧା ହେଉଛି ବୋଲି ଯାତ୍ରୀମାନେ କହିଛନ୍ତି। ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ପିଲାମାନଙ୍କୁ ଘରକୁ ନେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସେଠାରେ ପଢୁଥିବା ପିଲାମାନଙ୍କୁ ନେବାକୁ ଆସିଥିବା ଅଭିଭାବକମାନେ ବସ୍ ନ ପାଇ ଘଣ୍ଟା ଘଣ୍ଟା ଧରି ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରୁଥିବା ଦୃଶ୍ୟ ଦେଖାଦେଇଛି। ଝିଅ ରାୟଗଡ଼ା ବାଳିକା ହଷ୍ଟେଲରେ ରହି ପାଠ ପଢୁଥିଲା। ତାଙ୍କୁ ଘରକୁ ନେବାକୁ ଅଟୋରେ ଆସିଥିଲି। ଏବେ କୌଣସି ବସ୍ କିମ୍ବା ଅଟୋ ଚାଲୁନି। ଘରକୁ କେମିତି ଫେରିବୁ ବୋଲି କାଶୀପୁର ବ୍ଲକ ଶଙ୍କରଡ଼ା ଗ୍ରାମର ଆପି ମାଝି କହିଛନ୍ତି। ସହରରେ କିଛି ହୋଟେଲ ଖୋଲା ନ ଥିବାରୁ ଖିଆ ପିଆ ମଧ୍ୟ ନାହିଁ ବୋଲି ସେମାନେ କହିଛନ୍ତି। ଏମିତି ହଠାତ୍ ସବୁକିଛି ବନ୍ଦ ହୋଇଯିବ ବୋଲି ଧାରଣା ନ ଥିଲା ବୋଲି ରାୟଗଡ଼ା ବ୍ଲକ କୁମ୍ଭିକୋଟା ଗ୍ରାମରୁ ଅଗ୍ରଗାମୀ ଅଫିସକୁ ଆସିଥିବା କେତେଜଣ କହିଛନ୍ତି। ସହର ମଧ୍ୟରେ ଚାଲିଥିବା ଅଳ୍ପ କେତୋଟି ଅଟୋ ଚଳାଚଳ ଏବେ ବନ୍ଦ ରହିଛି। ସରକାରଙ୍କ ସଚେତନତା ରଥ ଗ୍ରାମାଞ୍ଚଳରେ ବୁଲି ଲୋକଙ୍କୁ ସଚେତନ କରୁଛି। ଏହାକୁ ଆହୁରି ଜୋରଦାର କଲେ ହିଁ ଲୋକେ ସରକାରଙ୍କ ସମସ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବଗତ ହେବେ ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ଚିନ୍ତାରେ ୮ ହଜାର ଦୁଗ୍ଧଚାଷୀ

**ଜୟପୁର,୨୪।୩(ନି.ପ୍ର.)**

କରୋନା ଭାଇରସ ସଂକ୍ରମଣର ଭୟ ସବୁ କ୍ଷେତ୍ରକୁ ପ୍ରଭାବିତ କରିଛି। ଅବିଭକ୍ତ କୋରାପୁଟ ଜିଲାରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଉଥିବା ପ୍ରମୁଖ ଯୋଗାଣକାରୀ ସଂସ୍ଥା ଓମ୍‌ଫେଡ ସିଧାସଳଖ ଏଥିରେ ପ୍ରଭାବିତ ହୋଇଛି। ଓମ୍‌ଫେଡର ବିକ୍ରି ନ ଥିବା ଯୋଗୁ ଦୁଗ୍ଧ ସମବାୟ ସମିତି ଚାଷୀଙ୍କଠାରୁ କ୍ଷୀର କିଣୁନାହିଁ। ଫଳରେ ଦୁଗ୍ଧ ଚାଷୀଙ୍କ ମେରୁଦଣ୍ଡ ଦୋହଲିବାକୁ ଲାଗିଲାଣି। ଗତ ରବିବାରଠାରୁ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଦୁଗ୍ଧ ସମବାୟ ସମିତି ଚାଷୀଙ୍କଠାରୁ କ୍ଷୀର କିଣୁନାହିଁ। ଅବିଭକ୍ତ କୋରାପୁଟ ଜିଲାର ୮ ହଜାର ୩୪୦ ଜଣ ଚାଷୀ ଦୈନିକ ସମବାୟ ସମିତିକୁ କ୍ଷୀର ଦିଅନ୍ତି। ସମବାୟ ସମିତି ଦୈନିକ ଚାଷୀଙ୍କଠାରୁ ୨୦ ହଜାର ଲିଟର କ୍ଷୀର କିଣୁଥିବା ବେଳେ ବର୍ତ୍ତମାନ ଚାଷୀଙ୍କ କ୍ଷୀର ରହିଯାଉଛି। ଏହାର ସୁଯୋଗ ନେଇ ଛତିଶଗଡ଼ର ବେପାରୀମାନେ ଚାଷୀଙ୍କଠାରୁ କମ୍ ଦରରେ କ୍ଷୀର କିଣି ନେଉଥିବା ବେଳେ ଅନ୍ୟ କେତେକ ଚାଷୀଙ୍କ କ୍ଷୀର ନଷ୍ଟ ହେଉଛି। ଚାଷୀମାନେ ବ୍ୟାଙ୍କରୁ ଋଣ କରି ଗାଈ କିଣିବା ସହ କ୍ଷୀର ବିକ୍ରି କରୁଛନ୍ତି। ଏବେ କ୍ଷୀର ବିକ୍ରି ହେଉ ନ ଥିବାରୁ ସେମାନଙ୍କ ଦୈନିକ ଗୁଜୁରାଣ ସହ ଋଣଟଙ୍କା ଶୁଝିବା ଚିନ୍ତା ଘାରିଛି।

# କରୋନା ନେଇ ସଚେତନ କଲେ କିନ୍ନର

**ଗୁଣପୁର,୨୪।୩(ଡି.ଏନ.ଏ)**

ଗୁଣପୁରଠାରେ ମା’ ମାଝିଗୌରୀ କିନ୍ନର ସଂଘ ପକ୍ଷରୁ କରୋନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମରାଠିଗୁଡା, ଗାନ୍ଧୀନଗର, ଏବଂ ମେହେନ୍ତର କଲୋନୀ ଅଞ୍ଚଳରେ ସଂଘ ପକ୍ଷରୁ ଲୋକଙ୍କୁ ସଚେତନତା କରାଯାଇଥିଲା । ଜରୁରୀ କାର୍ଯ୍ୟ ନ ଥିଲେ ଅଯଥାରେ ଘରୁ ବାହାରକୁ ନ ବାହାରିବାକୁ ସଚେତନ କରିଥିଲେ । ଏଥିସହ ନିୟମିତ ହାତ ଧୋଇ କରୋନା ରୋଗରୁ ନିଜକୁ ରକ୍ଷା କରିହେବ ବୋଲି ସଂଘର କର୍ମକର୍ତ୍ତା ସଚେତନ କରିଥିଲେ । ସେହିପରି ଗୋଟିଏ ସ୍ଥାନରେ ୭ରୁ ଅଧିକ ଲୋକ ଏକତ୍ରିତ ନ ହେବାକୁ ପୋଲିସ ପକ୍ଷରୁ ପ୍ରଚାର କରି କୁହାଯାଇଥିଲା । ସଂଘ ଜିଲା ସଭାପତି ପିଙ୍କି ମହାପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



କିନ୍ନରମାନେ ସଚେତନ କରୁଛନ୍ତି।

# ବିଦ୍ୟାଳୟରୁ ଘରକୁ ଗଲେ ଛାତ୍ରୀଛାତ୍ର

**ଡାବୁଗାଁ, ୨୪।୩ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ମାଧ୍ୟମିକ ବିଦ୍ୟାଳୟ, ବୋରିପଦର ଆଶ୍ରମ ବିଦ୍ୟାଳୟ, ବଡଓଲମା ଆଶ୍ରମ ବିଦ୍ୟାଳୟ-୧ ଓ ଆଶ୍ରମ ବିଦ୍ୟାଳୟ-୨ ରେ ଥିବା ଛାତ୍ରୀ ନିବାସ ଓ ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ର ମାନେ ମଙ୍ଗଳବାର ଘରକୁ ଯାଇଥିବା ଦେଖିବାକୁ ମିଳିଛି । କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଛାତ୍ରୀ ନିବାସ ଓ ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ରମାନଙ୍କୁ ଏପ୍ରିଲ, ମଇ, ଜୁନ ମାସର ପ୍ରି-ମାଟ୍ରିକ ବୃତ୍ତି ଅଗ୍ରୀମ ଆକାରରେ ପ୍ରଦାନ କରାଯାଇଥିଲା। ନିଜ ଅଭିଭାବକ ମାନଙ୍କ ଦ୍ୱାରା ବିଦ୍ୟାଳୟରୁ ଘରକୁ ଯାଇଛନ୍ତି। କରୋନା ଭୂତାଣୁ ଉପରେ ଛାତ୍ରୀଛାତ୍ର ଓ ତାଙ୍କର ଅଭିଭାବକମାନଙ୍କୁ ବୁଝାଯାଇଥିଲା।

# ସତର୍କ ଦୃଷ୍ଟିରେ ବାହାରୁ ଫେରୁଥିବା ଶ୍ରମିକ

**ମାଲକାନଗିରି, ୨୪।୩(ଡି.ଏନ୍.ଏ.)**

## ତଥ୍ୟ ରଖିବେ ସରପଞ୍ଚ, ୱାର୍ଡମେମ୍ବର

ସାରା ଦେଶରେ କରୋନା ଭାଇରସ୍ ସଂକ୍ରମଣଜନିତ ରୋଗରୁ ରକ୍ଷା ପାଇବା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା, ସଚେତନତା ଗ୍ରହଣ କରାଯାଉଛି। ମଙ୍ଗଳବାର ମଧ୍ୟରାତ୍ରରୁ କର୍ଫ୍ୟୁ ଘୋଷଣା କରାଯାଇଛି। ମାଲକାନଗିରି ଜିଲାରେ ମଧ୍ୟ ଏହି କଟକଣା ଲାଗୁ ହୋଇଛି। ଜିଲାରୁ ପ୍ରତିବର୍ଷ ବିଭିନ୍ନ ଅଞ୍ଚଳର ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। କେରଳ, ତାମିଲନାଡୁ, କର୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା,ଛତିଶଗଡ଼କୁ ଯାଇଥାନ୍ତି। ବର୍ତ୍ତମାନ ସେହିସବୁ ରାଜ୍ୟରେ ଅନେକ କଳକାରଖାନା ଏବଂ ନିର୍ମାଣ କାର୍ଯ୍ୟ ବନ୍ଦ ଥିବାରୁ ଶ୍ରମିକମାନେ ନିଜ ଗ୍ରାମକୁ ଫେରିବାରେ ଲାଗିଛନ୍ତି। ଏହି ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିଲେ ମଧ୍ୟ ଅନେକ ଶ୍ରମିକ ବିଭିନ୍ନ ରାସ୍ତା ଦେଇ ଗ୍ରାମ ଭିତରକୁ ପ୍ରବେଶ କରୁଛନ୍ତି। ସେମାନେ ସ୍ୱାସ୍ଥ୍ୟ ପରୀକ୍ଷା କରାଉନାହାନ୍ତି। ଏହିପରି ସ୍ଥଳେ ସେସବୁ ଅଞ୍ଚଳର ପଞ୍ଚାୟତର ସରପଞ୍ଚ ଏବଂ ୱାର୍ଡମେମ୍ବର ଦାୟିତ୍ୱ ନେବାର ସମୟ ଆସିଛି। ସେମାନେ ଫେରିଥିବା ଶ୍ରମିକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହ ସେମାନଙ୍କ ପଞ୍ଜୀକରଣ କରାଇବା ଆବଶ୍ୟକ। ଏହି ଶ୍ରମିକ ଓ ତାଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ସହଯୋଗ କଲେ ସନ୍ଦେହ ଦୂର ହେବ । ଫଳରେ ଅନ୍ୟମାନଙ୍କ ଉପରେ ଏହାର ପ୍ରଭାବ ପଡିବ । ଗ୍ରାମାଞ୍ଚଳ ଲୋକେ ସତର୍କତା ଅବଲମ୍ବନ କରିବେ ବୋଲି ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ସରପଞ୍ଚ ଏବଂ ୱାର୍ଡମେମ୍ବରମାନେ ସବୁ ସମୟରେ ଗ୍ରାମାଞ୍ଚଳ ଲୋକଙ୍କ ସହ ଜଡିତ ରହୁଥିବାରୁ ନିଜ ଅଞ୍ଚଳର ଲୋକମାନଙ୍କ ସୁରକ୍ଷା ଯୋଗାଇଦେବା ଜନ ପ୍ରତିନିଧିମାନଙ୍କ ଦାୟିତ୍ୱ । ସରପଞ୍ଚ ଏବଂ ୱାର୍ଡ ମେମ୍ବରମାନେ ଫେରୁଥିବା ଶ୍ରମିକମାନେ କେଉଁଠାରେ କାମ କରୁଥିଲେ, କେବେ ଫେରିଲେ, ତାଙ୍କର କାଶ, ଛିଙ୍କ, ମୁଣ୍ଡବ୍ୟଥା ହେଉଛି କି ନାହିଁ ଆଦି ଜଣାଇବା ନିହାତି ଆବଶ୍ୟକ। ପ୍ରତି ପଞ୍ଚାୟତରେ ମଧ୍ୟ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରସ୍ତୁତ ହୋଇଛି। ଏପରି ଏକ ବିପଦ ସମୟରେ ବିଭିନ୍ନ ରାଜନୈତିକ ଦଳ ଆଗେଇ ଆସିବା ଉଚିତ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ସ୍କୁଲ ପିଲାଙ୍କୁ ଆଗୁଆ ୩ମାସର ଚାଉଳ

**ତେନ୍ତୁଳିଖୁଣ୍ଟି, ୨୪।୩(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ କରୋନା ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ସ୍କୁଲ ଛାତ୍ରୀଛାତ୍ରଙ୍କୁ ୩ମାସର ଚାଉଳ ଯୋଗାଇ ଦେବାକୁ ଟୋକନ୍ ବ୍ୟବସ୍ଥା କରାଯାଇଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କୁ ମାସିକ ୩ କେ.ଜି. ଲେଖାଏଁ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମାସିକ ୬ କେ.ଜି. ଲେଖାଏ ଚାଉଳ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ବ୍ଲକ ଶିକ୍ଷାଧିକାରୀ ଟି.ମିନତୀ, ଆଞ୍ଚଳିକ ସାଧନ ସଂଯୋଜକ ଏବଂ ପ୍ରଧାନଶିକ୍ଷକମାନେ ବୈଠକରେ ଉପସ୍ଥିତ ଥିଲେ। ସେହିଭଳି ୬ମାସର ପିଡିଏସ୍ ଚାଉଳ ପର୍ଯ୍ୟାୟକ୍ରମେ ଗ୍ରାମବାସୀଙ୍କୁ ଦେବାକୁ ନିଷ୍ପତ୍ତି ନିଆଯାଇଛି। ୬ମାସର ବିଧବା , ବାର୍ଦ୍ଧକ୍ୟ ଭତ୍ତା ଦେବାକୁ ନିଷ୍ପତ୍ତି ନିଆଯାଇଛି। ତହସିଲଦାର ପ୍ରଦୀପ କୁମାରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଅପରାହ୍ନରୁ ତେନ୍ତୁଳିଖୁଣ୍ଟି ଓ ଖାତିଗୁଡ଼ା ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡି ବାକି ସବୁ ବନ୍ଦ ରହିଛି।

# ଟାଟାରୁ ଫେରନ୍ତା ବ୍ୟକ୍ତି ମେଡ଼ିକାଲରେ ଭର୍ତ୍ତି

**ଟିକିରି,୨୪।୩(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ଟାଟାରୁ ଫେରନ୍ତା ଜଣେ ବ୍ୟକ୍ତିଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସେ ରବିବାର ଟାଟାରୁ ଫେରି ଘରେ ରହି ଯାଇଥିଲେ । ଖବରପାଇ ଟିକିରି ପୋଲିସ, ବଣିକ ସଂଘର ମୁନା ବେହେରା, ପ୍ରଫୁଲ୍ଲ ସାହୁ, ଇନ୍ଦ୍ର ସାହୁ, ନୀର ସାହୁ, ବିନି ଦାସ ନାୟକଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଓଷାପଡ଼ା ମେଡ଼ିକାଲରେ ଭର୍ତ୍ତି କରିଥିଲେ।

# ଗଜପତି ଜିଲାରେ ଲାଗୁ ହେବ ଲକଡାଉନ

**ପାରଳାଖେମୁଣ୍ଡି, ୨୪।୩ (ସ୍ୱ.ପ୍ର.)**

ଗଜପତି ଜିଲାରେ ମଙ୍ଗଳବାର ମଧ୍ୟରାତ୍ରରୁ ଲକ୍‌ଡାଉନ୍ ଲାଗୁ ହେବ ବୋଲି ଜିଲାପାଳ ଜିଲାପାଳ ଅନୁପମ ଶାହା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୂର୍ବରୁ ଖୋର୍ଦ୍ଧା, ଗଞ୍ଜାମ, ଭଦ୍ରକ, କେନ୍ଦ୍ରାପଡା ଜିଲାରେ ଲକଡାଉନ ଘୋଷଣା ହୋଇଛି । ଲକଡାଉନ ଲାଗୁ ହେବାପରେ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ପୋଲିସ ମୁତୟନ ହେବେ । କୌଣସି ବ୍ୟକ୍ତି ବିନା କାରଣରେ ବାହାରେ ବୁଲିବାକୁ ମନା ହୋଇଛି । କେବଳ ଚିକିତ୍ସାଳୟ କାର୍ଯ୍ୟଭଳି କିଛି ଜରୁରୀ କାର୍ଯ୍ୟ ଥିଲେ ବାହାରକୁ ବାହାରିପାରିବେ ବୋଲି କୁହାଯାଇଛି । ସେହିପରି କ୍ଷୀର, ରୁଟି, ତେଜରାତି, ପନିପରିବା ଦୋକନ ଏହି ସମୟରେ ଖୋଲା ରହିଲେ ମଧ୍ୟ ସାଧାରଣ ସ୍ଥାନରେ ୭ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏକତ୍ରିତ ହୋଇପାରିବେ ନାହିଁ ବୋଲି କୁହାଯାଇଛି । ସମସ୍ତ ବ୍ୟାଙ୍କ, ଏଟିଏମ୍ ସେବା, ବିଦ୍ୟୁତ ସେବା, ପାନୀୟ ଜଳ ଏବଂ ପୌର ପରିଷଦ ପକ୍ଷରୁ ମିଳୁଥିବା ସେବା ଜାରିରହିବ ବୋଲି ଜଣାପଡିଛି। ସେହିପରି ଡାକ ସେବା ମଧ୍ୟ ଜାରି ରହିବ ବୋଲି କୁହାଯାଇଛି । ରେଷ୍ଟୁରାଣ୍ଟଗୁଡିକ ହୋମ ଡେଲିଭେରି ମାଧ୍ୟମରେ ନିଜର ସେବା ଯୋଗାଇ ପାରିବେ ବୋଲି କୁହାଯାଇଛି । ବିଦେଶ ଫେରନ୍ତା ଏବଂ ଅନ୍ୟରାଜ୍ୟରୁ ଫେରିଥିବା ଯେ କୌଣସି ବ୍ୟକ୍ତିଙ୍କ ବିଷୟରେ ଖବର ପାଇଲେ ତୁରନ୍ତ ପ୍ରଶାସନକୁ ସୂଚନା ଦେବାପାଇଁ ଜିଲାପାଳ କହିଛନ୍ତି।

# ଡାବୁଗାଁରେ ଦୋକାନ ବନ୍ଦ କଲା ପୋଲିସ

**ଡାବୁଗାଁ, ୨୪।୩ (ଡି.ଏନ.ଏ.)**

ଡାବୁଗାଁରେ ଲକ ଡାଉନ ପାଇଁ ଘୋଷଣା କରାଯାଇଛି । ଏଥିରେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ଗାଡିରେ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କରାଯାଇଛି। ମଙ୍ଗଳବାର ରାତି ୧୨ଟାରୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଡାବୁଗାଁରେ ଅତ୍ୟାବଶ୍ୟକୀୟ ଗ୍ରୋସରି, ଔଷଧ ଓ ପନିପରିବା ଦୋକାନକୁ ଛାଡି ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ । ସାମାଜିକ ଦୂରତା ରକ୍ଷା ନିମନ୍ତେ ଅତି ଜରୁରୀ କାର୍ଯ୍ୟ ନଥିଲେ ଘରୁ ବାହାରକୁ ବାହାରନ୍ତୁ ନାହିଁ ଓ ନିଜ ଘରେ ରୁହନ୍ତୁ ବୋଲି ପ୍ରଚାର କରାଯାଉଛି । ଏହାସହ ଡାବୁଗାଁ ପୋଲିସ ବିଭିନ୍ନ ଦୋକାନକୁ ଯାଇ ଦୋକାନ ଗୁଡିକୁ ବନ୍ଦ କରିଥିଲେ । ଥାନା ଏଏସ୍‌ଆଇ ଶଶୀ ସତନାମୀ ଓ ପୋଲିସ କର୍ମଚାରୀ ବିଭିନ୍ନ ଦୋକାନ ଗୁଡିକୁ ବନ୍ଦ କରିଥିଲେ।



# ଟ୍ରକ୍‌ରେ ଦଳହୋଇ ଫେରୁଛନ୍ତି ଦାଦନ ଶ୍ରମିକ

**ବୈପାରୀଗୁଡ଼ା,୨୪।୩(ଡି.ଏନ୍.ଏ.)**

କରୋନାକୁ ନେଇ ଚାରିଆଡ଼େ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ଏଠାକୁ ଏକ ଟ୍ରକ୍ ଡାଲାରେ ଆନ୍ଧ୍ରପ୍ରଦେଶର ଆର୍କୁ ଅଞ୍ଚଳରୁ ଫେରୁଥିବା ୧୩୦ ଜଣ ଦାଦନ ଶ୍ରମିକଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସୋମବାର ବିପାରୀଗୁଡ଼ାରେ ଏକ ଟ୍ରକ୍ ଡାଲାରେ ଶ୍ରମିକଙ୍କୁ ଦେଖି ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଉକ୍ତ ଶ୍ରମିକମାନେ ବ୍ଲକର ଦୋରାଗୁଡ଼ା, କାଠପଡ଼ା, ମାଠପଡ଼ା ଓ କୋଲାର ପଞ୍ଚାୟତର ବିଭିନ୍ନ ଗାଁର ବାସିନ୍ଦା ଥିବା ଜଣାପଡ଼ିଥିଲା। ଆନ୍ତଃରାଜ୍ୟ ବସ୍ ଚଳାଚଳ ବନ୍ଦ ହୋଇଯାଇଥିବାରୁ ଶ୍ରମିକମାନେ ଟ୍ରକ୍ ଭଡ଼ା କରି ଘରକୁ ଫେରୁଥିଲେ। ସ୍ଥାନୀୟ ଜନସାଧାରଣ ଏନେଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ଲକ ପ୍ରଶାସନକୁ ଅବଗତ କରିଥିଲେ। ପରେ ସେମାନଙ୍କୁ ମେଡିକାଲ ନିଆଯାଇ ପଞ୍ଜିକରଣ କରାଯାଇ ଛଡ଼ାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଅଧିରାଜ ସାହୁ କହିଛନ୍ତି, ଉକ୍ତ ବ୍ୟକ୍ତିମାନଙ୍କୁ ଅନ୍ୟଠାରୁ ପୃଥକ ରହିବା ପାଇଁ ପରାମର୍ଶ ଦିଆଯାଇଛି। ମେଡିକାଲ ଟିମ୍ ସେମାନଙ୍କ ସହ ଯୋଗାଯୋଗ କରି ସ୍ୱାସ୍ଥ୍ୟାବସ୍ଥା ବୁଝିବ।

# ଜନଗହଳି ହଟାଇବାକୁ ପୋଲିସର ପଦକ୍ଷେପ

## ମିଳିଲା ଜନ ସମର୍ଥନ

**ନବରଙ୍ଗପୁର,୨୪।୩(ବି.ପ୍ର)**

କରୋନାକୁ ନେଇ ଜିଲା ପ୍ରଶାସନ ଓ ପୋଲିସ ବିଭାଗର ବାରମ୍ବାର ସଚେତନତା ପରେ ମଧ୍ୟ ଲୋକେ କିଛି କାମ ନଥାଇ ବାହାରକୁ ବାହାରି ଜନଗହଳି କରୁଛନ୍ତି। ମଙ୍ଗଳବାର ନବରଙ୍ଗପୁର ପୋଲିସ ଜନଗହଳି ହଟାଇବା ପାଇଁ ପଦକ୍ଷେପ ନେଇଛି। ଅନାବଶ୍ୟକ ଥିବା ଲୋକେ ବାହାରକୁ ଆସି ଗହଳି କରୁଥିବାରୁ ସେପରି ଲୋକଙ୍କୁ ଚିହ୍ନଟ କରି ମୃଦୁ ଲାଠି ମାଡ କରିଛି। ନବରଙ୍ଗପୁରର ସାଧାରଣ ଜନତା ପୋଲିସକୁ ସମର୍ଥନ ଜଣାଇ ଆହୁରି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି । ନବରଙ୍ଗପୁର ଜିଲାରେ ଜିଲା ପ୍ରଶାସନ ୧୪୪ ଧାରା ଲାଗୁ କରିଥିଲେ ମଧ୍ୟ ଲୋକେ ସଚେତନତା ନହୋଇ ଅନାବଶ୍ୟକ ଥିଲେ ବି ବାହାରକୁ ବାହାରି ମେଳି କରୁଛନ୍ତି । ଗୋଟିଏ ଜାଗାରେ ୭ ରୁ ଊର୍ଦ୍ଧ୍ୱ ଲୋକ ତାହାବି ୨ ମିଟର ଦୂରତା ଅବଲମ୍ବନ କରି ରହିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଅଧିକାଂଶ ଲୋକେ ସଚେତନତା ଅଭାବରୁ ମାନୁ ନାହାନ୍ତି । ତେଣୁ ବାଧ୍ୟ ହୋଇ ପୋଲିସ ପହଞ୍ଚି ସେମାନଙ୍କୁ ଘଉଡାଉଛି। ସୋମବାର ସନ୍ଧ୍ୟାରେ ନବରଙ୍ଗପୁର ପୋଲିସ ଅତିଆବଶ୍ୟକ ଥିଲେ ହିଁ ବାହାରକୁ ବାହାରନ୍ତୁ ବୋଲି ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରିଥିବା ବେଳେ ପୋଲିସ ପାଟ୍ରୋଲିଂ ଜୋରଦାର କରିଛି । ହେଲେ ଲୋକେ ନିର୍ଦ୍ଦେଶକୁ ନମାନି ବାହାରେ ବୁଲୁଛନ୍ତି । ଯାହାକୁ ନେଇ ନବରଙ୍ଗପୁର ପୋଲିସ ଏଭଳି ପଦକ୍ଷେପ ନେଇଛି । ଅନ୍ୟପଟେ ନବରଙ୍ଗପୁର ପୋଲିସର ଏହି କାର୍ଯ୍ୟକୁ ନବରଙ୍ଗପୁର ଜନତା ସମର୍ଥନ କରିଥିବା ବେଳେ ଏପରି ଲୋକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ବାଇକରେ ଯାଉଛନ୍ତି ଏକାଧିକ ଯାତ୍ରୀ

## ସଚେତନତା ଅଭାବ

**ପାପଡାହାଣ୍ଡି,୨୪।୩ (ଡି.ଏନ.ଏ)**

କରୋନାକୁ ନେଇ ସାରା ବିଶ୍ୱ ଏବେ ଭୟଭୀତ। ସଚେତନତା ହିଁ ଏକ ମାତ୍ର ପଦକ୍ଷେପ ଯାହା ରୋଗକୁ ବ୍ୟାପିବାରେ ରୋକି ପାରିବ। ପ୍ରଶାସନ ତରଫରୁ ଏନେଇ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଯାଉଛି । ଆବଶ୍ୟକୀୟ ପରିସ୍ଥିତିରେ ହିଁ ଘରୁ ବାହାରିବା ଲାଗି ନିର୍ଦ୍ଦେଶ ଦେବା ସହ ସ୍ୱଚ୍ଛତା ରକ୍ଷା ଲାଗି ପରାମର୍ଶ ଦିଆଯାଉଛି । ସୋମବାର ସନ୍ଧ୍ୟାରୁ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ସମସ୍ତ ଦୋକାନ ବଜାର ବନ୍ଦ କରିଦିଆଯାଇଛି। ଲୋକଙ୍କୁ ମାସ୍କ ବାନ୍ଧିବା ସହ ବାଇକରେ ଜଣେ ହିଁ ଯାତ୍ରା କରିବା ଲାଗି ଡାକବାଜି ଯନ୍ତ୍ରରେ ପୋଲିସ ସଚେତନ କରାଉଛି। ଗୋଟିଏ ବାଇକରେ ଏକାଧିକ ଯାତ୍ରୀ ପରିବହନ କରୁଥିବା ଦେଖିବାକୁ ମିଳିଛି । ଯାହା ବିପଦପୂର୍ଣ୍ଣ ହୋଇଥିବା ବେଳେ ପ୍ରଶାସନର ନିୟମ ଖିଲାପ କରୁଥିବା ଦେଖିବାକୁ ମିଳିଛି। ତେଣୁ ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ରହିଛି ।



